## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ବଇଣ୍ଡା,(ଡି.ଏନ୍.ଏ): କିଶୋରନଗର ବ୍ଲକ ହିମିତିରା ଗ୍ରାମରେ ଶନିବାର ଭାଲୁ ଆକ୍ରମଣରେ ହୀନ ସାହୁ ନାମକ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ତାଙ୍କୁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ହୀନ ଭୋର ସମୟରେ ଘର ନିକଟ ପଡ଼ିଆକୁ ଶୌଚ ପାଇଁ ଯାଇଥିବାବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ଗୁରୁତରଙ୍କୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।



## ସଂକ୍ଷେପରେ

### ବାଇକରୁ ପଡ଼ି ମହିଳା ଆହତ

**ଛେଣ୍ଡିପଦା,୨୯।୪(ସ୍ୱ.ପ୍ର.):** ଛେଣ୍ଡିପଦା-ବୁଢ଼ାପାଳ ୧୪୯ନଂ. (ବି) ଜାତୀୟ ରାଜପଥର ନୂଆପଡା ଛକ ହମ୍ପସ୍‌ରେ ବାଇକ୍‌ରୁ ଖସିପଡ଼ି ଶନିବାର କୁଣ୍ଡେଇଗୋଳା ଥାନା ତାଳକୁଦର ଗ୍ରାମର ଅରୁଣ ପ୍ରଧାନଙ୍କ ସ୍ତ୍ରୀ ଲିପି ଗୁରୁତର ହୋଇଛନ୍ତି। ଲିପି ଅନୁଗୋଳରୁ ମାଉସୀ ପୁଅ ଭାଇଙ୍କ ସହ ବାଇକ୍‌ରେ ଏକ ବାହାଘର ଭୋଜିରେ ଯୋଗଦେବା ପାଇଁ ରିଆମାଳ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ତାଙ୍କୁ ପ୍ରଥମେ ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

### ବାର୍‌ହା ଆକ୍ରମଣରେ ମହିଳା ଗୁରୁତର

**ଛେଣ୍ଡିପଦା,୨୯।୪(ସ୍ୱ.ପ୍ର):** ଛେଣ୍ଡିପଦା ବ୍ଲକ ବାଲିପଙ୍ଗା ଗ୍ରାମର ଚହଟ ନାଏକ ଶନିବାର ବାର୍‌ହା ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ସକାଳେ ଆମ୍ବତୋଟାକୁ ଯାଉଥିବାବେଳେ ବାର୍‌ହା ହାବୁଡ଼ରେ ପଡ଼ିଯାଇଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ବନ ବିଭାଗ ପକ୍ଷରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଆବର୍ଜନାରୁ ଉପଯୋଗୀ ଷ୍ଟ୍ରକ୍‌ଚର

## 'ସାଥୀ ପରିବାର'ର ଅଭିନବ ଉଦ୍ୟମ

**ଅନୁଗୋଳ ଅଫିସ, ୨୯।୪**

ସହର ସୌନ୍ଦର୍ଯ୍ୟକୁ ବିଗାଡୁଥିବା ବର୍ଜ୍ୟ ପ୍ଲାଷ୍ଟିକ୍, ପଲିଥିନକୁ ବ୍ୟବହାର କରି ନିର୍ମାଣ ହେଉଛି ଜୈବ ଇଟା ଷ୍ଟ୍ରକ୍‌ଚର। ଏହାଦ୍ୱାରା କେବଳ ଆବର୍ଜନାର ଉଚିତ ପରିଚାଳନା ହେଉନାହିଁ, ଅଧିକନ୍ତୁ ଏହାକୁ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରାଯାଉଛି। ପରିବେଶ ପ୍ରଦୂଷଣ ସମସ୍ୟାର ସମାଧାନ ଲାଗି ଅନୁଗୋଳ 'ସାଥୀ ପରିବାର' ପକ୍ଷରୁ ଆରମ୍ଭ ହୋଇଥିବା ଏଭଳି ଅଭିନବ ପ୍ରକଳ୍ପକୁ ବିଭିନ୍ନ ମହଲରେ ଭୂରିଭୂରି ପ୍ରଶଂସା କରାଯାଉଛି।

ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ଜଳ, ବାୟୁ, ମୃତ୍ତିକା, ଭୂତଳ ଜଳ ପ୍ରଦୂଷିତ ହେଉଛି। ଆର୍ଦ୍ରଭୂମି, ବନ୍ୟଜୀବଙ୍କ ପ୍ରାକୃତିକ ଆବାସସ୍ଥଳୀ ପ୍ରଭାବିତ ହେବାରେ ଲାଗିଛି। ଏକ ଆକଳନ ଅନୁଯାୟୀ, ପ୍ଲାଷ୍ଟିକ୍ ପ୍ରଦୂଷଣରେ ବିଶ୍ୱରେ ଭାରତର



ସାଥୀ ପରିବାର ପକ୍ଷରୁ ଆରମ୍ଭ ହୋଇଥିବା ଜୈବ ଇଟା ଷ୍ଟ୍ରକ୍‌ଚର ପ୍ରକଳ୍ପ।

ସ୍ଥାନ ୧୨। ଏହାକୁ ନେଇ ଭୟଙ୍କର ସ୍ଥିତି ଉପୁଜିଲାଣି। ଏହାର ପ୍ରତିକାର କରିବା ଲାଗି 'ସାଥୀ ପରିବାର' ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଦୈନିକ ସନ୍ଧ୍ୟାରେ ଅନୁଷ୍ଠାନର ସଦସ୍ୟମାନେ ଅନୁଗୋଳ ସହରର ବ୍ୟବସାୟିକ ପ୍ରତିଷ୍ଠାନ ସମ୍ମୁଖରୁ ଲୋକମାନେ ଫିଙ୍ଗି ଦେଉଥିବା ବିଭିନ୍ନ ଖାଦ୍ୟପଦାର୍ଥ ଜରି, ପ୍ଲାଷ୍ଟିକ୍ ବୋତଲ ସଂଗ୍ରହ କରୁଛନ୍ତି। ଅଦରକାରୀ ପଲିଥିନକୁ ପରିଷ୍କାର କରି ବୋତଲ ଭିତରେ ଭର୍ତ୍ତି କରୁଛନ୍ତି। ଏକ ଲିଟର ବିଶିଷ୍ଟ ବୋତଲରେ ପାଖାପାଖି ୨୫୦ରୁ ୩୦୦ ଗ୍ରାମ୍ ଯାଏ ପଲିଥିନ ପୂରାଇ ଏକ ବାଡି ସହାୟତାରେ ଟାଇଟ୍ କରି ଦିଆଯାଉଛି। ଏଭଳି ଏକାଧିକ ବୋତଲକୁ ମିଶାଇ ସିମେଣ୍ଟ ଷ୍ଟ୍ରକ୍‌ଚର ପ୍ରସ୍ତୁତ କରାଯାଉଛି। ଅଦ୍ୟାବଧି ଏଭଳି ୩୫୦ ଷ୍ଟ୍ରକ୍‌ଚର ପ୍ରସ୍ତୁତ ହୋଇସାରିଲାଣି। ଏଥିରେ ୧୫୦ରୁ ଅଧିକ ଦିନ ସମୟ ଲାଗିଥିବାବେଳେ ଅନୁଷ୍ଠାନର ସଦସ୍ୟମାନେ ୪୫୦ ଘଣ୍ଟା ସମୟ ଦାନ କରିଛନ୍ତି। ଏଭଳି ଷ୍ଟ୍ରକ୍‌ଚର ପ୍ରସ୍ତୁତିରେ ଏକ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ବର୍ଜ୍ୟର ସଦୁପଯୋଗ କରାଯାଇପାରିଛି। ଏଭଳି ଜୈବ ଇଟା ଷ୍ଟ୍ରକ୍‌ଚରକୁ ସୁରକ୍ଷା ପାଚେରି ନିର୍ମାଣ, ଗଛର ସୁରକ୍ଷା ବାଡ଼, ମୁକୁଳା ଟ୍ରାନ୍ସଫର୍ମରକୁ ଘେରାବନ୍ଦୀ କରିବାରେ ବ୍ୟବହାର କରାଯାଇପାରିବ ବୋଲି ସାଥୀ ପରିବାରର ସୁବ୍ରତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଅନ୍ୟପଟେ ଜରଡ଼ାସ୍ଥିତ ବ୍ରଜମୋହନ ହାଇସ୍କୁଲରେ ସଙ୍ଗଠନ ପକ୍ଷରୁ ଶିକ୍ଷକ, ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଜୈବ ଇଟା ସଂକ୍ରାନ୍ତ ପ୍ରଥମ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି।

# 'ବୈଜ୍ଞାନିକ ପଦ୍ଧତିରେ ପୋଲଟ୍ରି ଫାର୍ମ କର'

## ଜିଲାସ୍ତରୀୟ ବିଶ୍ୱ ପ୍ରାଣୀଧନ ଚିକିତ୍ସା ଦିବସ

**ଅନୁଗୋଳ ଅଫିସ, ୨୯।୪**

ଦେଶର ଆର୍ଥିକ ବିକାଶରେ ଗୃହପାଳିତ ପ୍ରାଣୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗୋ-ମହିଷାଦି ପ୍ରାଣୀ ସମ୍ପଦର ସୁରକ୍ଷା, ଏ କ୍ଷେତ୍ରରେ କାର୍ଯ୍ୟରତ ଚାଷୀଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା, ବୈଜ୍ଞାନିକ ପଦ୍ଧତିରେ ପୋଲଟ୍ରି ଫାର୍ମ କରିବା, ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରି କୁକୁଡ଼ା ମାଂସ, ଅଣ୍ଡା ଭଳି ପ୍ରୋଟିନ୍ ଜାତୀୟ ଖାଦ୍ୟ ଉତ୍ପାଦନ କରିବା ଲାଗି ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ଏଭଳି ବହୁମୁଖୀ ଯୋଜନାର ସୁଯୋଗ ନେବାକୁ ଆହ୍ୱାନ ଦେଇଛନ୍ତି କୃଷି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ଅନୁଗୋଳର ଏକ ହୋଟେଲରେ ଶନିବାର ଅନୁଷ୍ଠିତ ବିଶ୍ୱ ପ୍ରାଣୀଧନ ଚିକିତ୍ସା ଦିବସ ଉପଲକ୍ଷେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଭିଡିଓ କନ୍‌ଫରେନ୍ସରେ ଯୋଡ଼ିହୋଇ ମନ୍ତ୍ରୀ ଏହା କହିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଏସ୍.କେ. ବଶିଷ୍ଠ, ନିର୍ଦ୍ଦେଶକ ଡ. ୱାଇ. ବିଜୟ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଳିତ ମୋହନ ବେହେରା ଯୋଗଦେଇ ପ୍ରାଣୀଧନ ଚିକିତ୍ସାରେ ନିୟୋଜିତ ବିଭାଗୀୟ କର୍ମଚାରୀଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଜିଲା ଅତିରିକ୍ତ ପ୍ରାଣୀଧନ ଚିକିତ୍ସା ଅଧିକାରୀ ପ୍ରତାପ ପଟ୍ଟନାୟକ କହିଲେ, ଦୁଗ୍ଧ, ଅଣ୍ଡା, ମାଛ, ମାଂସ ଉତ୍ପାଦନ ଓ ବିତରଣରେ ଅନୁଗୋଳ ଜିଲା ସ୍ୱାବଲମ୍ବୀ ହୋଇପାରିଛି। ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରମିଲ କୁମାର ସ୍ୱାଇଁ, ଜିଲା ପ୍ରଶିକ୍ଷଣ ସଂଯୋଜକ ଦୀପ୍ତିରଞ୍ଜନ ସ୍ୱାଇଁ, ଜିଲା ପ୍ରାଣୀଧନ ଚିକିତ୍ସାଳୟର ଉପନିର୍ଦ୍ଦେଶକ ଡା. କେଶବ ଚନ୍ଦ୍ର ପ୍ରଧାନଙ୍କ ସମେତ ଉପଖଣ୍ଡର ପ୍ରାଣୀଧନ ଚିକିତ୍ସାଧିକାରୀ, ଜିଲାର ସମସ୍ତ ଷ୍ଟେକ୍‌ହୋଲଡର, ପ୍ରାଣୀମିତ୍ର ଉପସ୍ଥିତ ଥିଲେ। ଶେଷରେ କୃଷି ଓ ପ୍ରାଣୀ ସମ୍ପଦ ଅଭିବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିଲା।

ପ୍ରାରମ୍ଭରେ ଅନୁଗୋଳ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ଶୈଳ ଶ୍ରୀକ୍ଷେତ୍ରରୁ ବାହାରି ନଗର ପରିକ୍ରମା କରିଥିଲା। ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ନୀରୋଦ ଦାସ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଜିଲାର ସମସ୍ତ ପ୍ରାଣୀଧନ ଚିକିତ୍ସା ଅଧିକାରୀ, ପ୍ରାଣୀଧନ ନିରୀକ୍ଷକ, ସହାୟକ, କର୍ମଚାରୀ, ଏସ୍‌ଏଚ୍‌ଜି ସଦସ୍ୟା ଯୋଗଦେଇଥିଲେ।



ଜଣେ ମହିଳାଙ୍କୁ ସମ୍ମାନିତ କରାଯାଉଛି।

# ନାଲ୍‌କୋରେ ଅବସର ସମ୍ବର୍ଦ୍ଧନା

**ବଣ୍ଡଁରପାଳ,୨୯।୪(ଡି.ଏନ୍.ଏ)**

ନାଲ୍‌କୋ ସିପିପିର ସର୍ବପୁରାତନ ସଙ୍ଗଠନ ତଥା ଆଇଏନ୍‌ଟିୟୁସି ସହବନ୍ଧିତ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ୍ କାର୍ଯ୍ୟାଳୟରେ ଅବସର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ନାଲ୍‌କୋରୁ ଅବସର ନେଇଥିବା ସାଇମନ ଖାଲକୋ, ବ୍ରହ୍ମାନନ୍ଦ ମହାନ୍ତି, ଅଲେଖ ଦେହୁରୀ, କନ୍ଦର୍ପ ସେନାପତି, ଗୌରହରି ପାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସାଧାରଣ ସମ୍ପାଦକ ବିଭବ ଜେନା ନାଲ୍‌କୋର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସନ୍ତୋଷ ରାଉତ, ହେମନ୍ତ ପ୍ରଧାନ, ଧର୍ମାନନ୍ଦ ନାୟକ, ପ୍ରଣବ ଜେନା, ଅରୁଣ ଦାସ, ରମେଶ ତରାଇ, ନଟବର ବେହେରା, ରାମେଶ୍ୱର ହେମ୍ବ୍ରମ୍, ଶୁଭ୍ରାଂଶୁ ବେହେରା, ସନ୍ତୋଷ ମହାରଣା, ଜିତେନ୍ଦ୍ର ଆଲୁକ, କେଶବ ରଣା, କରୁଣା ସାହୁ, ସରୋଜ ବେହେରା, ପ୍ରଦୀପ ନାଏକ, ପଙ୍କଜ ମହାରଣା, ସୁଶାନ୍ତ ବେହେରାଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ।



ନାଲ୍‌କୋରୁ ଅବସର ନେଇଥିବା କର୍ମଚାରୀଙ୍କ ସମେତ ଅନ୍ୟମାନେ।

## ୧ରେ କଙ୍କଡ଼ାହାଡ଼ ବ୍ଲକରେ ଜନଶୁଣାଣି

**ଢେଙ୍କାନାଳ ଅଫିସ, ୨୯।୪**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟରେ ମେ' ୧ରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଜିଲାପାଳ, ଏସ୍‌ପି, ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିବେ। ବ୍ଲକବାସୀ ଏଥିରେ ଭାଗନେଇ ଆପତ୍ତି ଅଭିଯୋଗ କରିପାରିବେ। ତେବେ ଅଭିଯୋଗକାରୀମାନେ ପ୍ରଥମେ ସମ୍ପୃକ୍ତ ସ୍ଥାନୀୟ ଅଧିକାରୀଙ୍କ ନିକଟରେ ସମାଧାନ ଲାଗି ଆବେଦନ କରିବାକୁ ପରାମର୍ଶ ଦିଆଯାଇଛି।

# 'ସେକ୍ସପିୟର କାଳଜୟୀ ସ୍ରଷ୍ଟା'



ଆଲୋଚନାଚକ୍ରରେ ଭାଗ ନେଇଥିବା ଅତିଥି ଏବଂ ଛାତ୍ରୀଛାତ୍ରମାନେ।

**ଢେଙ୍କାନାଳ ଅଫିସ,୨୯।୪**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂଲିଶ୍ ବିଭାଗ ଆନୁକୂଲ୍ୟରେ ଶନିବାର 'ସେକ୍ସପିୟରଙ୍କ ନାଟ୍ୟଚରିତ୍ରରେ ଭାଗ୍ୟର ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରଞ୍ଜିତ କୁମାର ପ୍ରଧାନ ପୌରୋହିତ୍ୟ କରି କହିଲେ, ସେକ୍ସପିୟର ଜଣେ କାଳଜୟୀ ସ୍ରଷ୍ଟା। ତାଙ୍କ ଦ୍ୱାରା ରଚିତ ନାଟକ ମାନବୀୟ ମୂଲ୍ୟବୋଧ ଉପରେ ଆଧାରିତ, ଯାହା ସର୍ବଦା ସମୟ ଉପଯୋଗୀ। ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି ଯୋଗଦେଇ କହିଲେ, ସାହିତ୍ୟ ଅନ୍ତର୍ନିହିତ ସତ୍ୟତାର ଅନ୍ୱେଷଣ କରିଥାଏ। ମୁଖ୍ୟବକ୍ତା ଅନୁଗୋଳ କଲେଜର ଇଂଲିଶ ବିଭାଗ ସହକାରୀ ପ୍ରଫେସର ଅଭୟ କୁମାର ମଲ୍ଲିକ କହିଲେ, ସେକ୍ସପିୟରଙ୍କ ନାଟ୍ୟ ଚରିତ୍ରମାନଙ୍କ ଦୁର୍ଭାଗ୍ୟ ସେମାନଙ୍କ ଭିତରେ ଲୁଚି ରହିଥିବା ମାନବୀୟ ଦୁର୍ବଳତାରୁ ଜୀବନ୍ୟାସ ପାଇଥାଏ। ତାହା ଚରିତ୍ର ମାନଙ୍କ ବିପର୍ଯ୍ୟୟର କାରଣ ହୋଇଥାଏ। ଆଦିତ୍ୟ ମେହେର, ବିଭୁଦତ୍ତ ଦାସ, ତପନ ସେଠୀ, ସାଧାରଣ ପ୍ରଧାନ, ଲଗ୍ନଜିତା ପୃଷ୍ଟି, କରିସ୍ମା ମିଶ୍ର, ପୁନମ ମହାନ୍ତି ପାଠ୍ୟଚକ୍ରରେ ସହଯୋଗ କରିଥିଲେ। ଏହି ଅବସରରେ ଯୁକ୍ତ ୩ ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ବାଲ୍ୟବିବାହ ମୁକ୍ତ ଜିଲା ଆହ୍ୱାନ



- ଶିଶୁ ଶ୍ରମିକ ପ୍ରଥା, ଯୁବତୀ ଚାଲାଣ ରୋକିବାକୁ ପରାମର୍ଶ
- ଅନାଥ କିଶୋରୀକିଶୋରଙ୍କ ବିବାହ ପାଇଁ ସହାୟତା ବ୍ୟବସ୍ଥା

**ଢେଙ୍କାନାଳ ଅଫିସ, ୨୯।୪**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଶନିବାର ଜିଲାପାଳ ସରୋଜ ସେଠୀଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାକୁ ବାଲ୍ୟବିବାହ ମୁକ୍ତ କରିବା, ଶିଶୁ ଶ୍ରମିକ ପ୍ରଥା ଓ ଯୁବତୀ ଚାଲାଣ ରୋକିବା ଆଦି ବିଷୟରେ ଗୁରୁତ୍ୱାରୋପ କରାଯାଇଥିଲା। କିଶୋର, କିଶୋରୀଙ୍କ ସାମଗ୍ରିକ ବିକାଶ ଲାଗି ଯତ୍ନବାନ ହେବା, ଆର୍ଥିକ ଅନଗ୍ରସର ପରିବାରର ଯୁବତୀଯୁବକଙ୍କ ଚିହ୍ନଟ କରି ଆଇଟିଆଇ, ପଲିଟେକନିକ୍, ସ୍କିଲ୍ ସେଣ୍ଟରରେ ନିଃଶୁଳ୍କ ପାଠପଢ଼ା ବ୍ୟବସ୍ଥା କରିବା ଲାଗି ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଅନାଥ ଯୁବତୀ, ଯୁବକଙ୍କ ବିବାହ ଲାଗି ପ୍ରଶାସନ ପକ୍ଷରୁ ୫୦ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି ବୋଲି ସୂଚନା ଦିଆଯାଇଥିଲା। ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ଥଇଥାନ କରିବା ଲାଗି ଯୋଜନା ପ୍ରସ୍ତୁତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କହିଲେ, ବାଲ୍ୟବିବାହ ରୋକିବାରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏ କ୍ଷେତ୍ରରେ ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କରାଇବାକୁ ଏସ୍‌ପି ପରାମର୍ଶ ଦେଇଥିଲେ। ବୈଠକରେ ୟୁନିସେଫ୍‌ର ଜିଲା ସଂଯୋଜିକା ଅଙ୍ଗୁର ମିଶ୍ର କହିଲେ, ଜିଲାରେ ଗତ ୪ ବର୍ଷରେ ୧୪୩ ବାଲ୍ୟ ବିବାହ ରୋକାଯାଇପାରିଛି। ଜିଲାକୁ ବାଲ୍ୟବିବାହ ମୁକ୍ତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଜିଲା ଶ୍ରମଅଧିକାରୀ ସତ୍ୟନାରାୟଣ ଆଚାର୍ଯ୍ୟ, ଜିଲା ସମାଜ ମଙ୍ଗଳ ଅଧିକାରୀ ପୂର୍ଣ୍ଣମାସୀ ସାହୁ, ସମସ୍ତ ବ୍ଲକର ସିଡିପିଓଙ୍କ ସମେତ ବହୁ କିଶୋରୀ କିଶୋର ଉପସ୍ଥିତ ଥିଲେ।



